# REGIONAL NEWS UNIT, AIR CUTTACK

## Morning Bulletin (7.05 AM)

**9 April – 2026**

## ପୋଷଣପକ୍ଷ ଆରମ୍ଭ

କେନ୍ଦ୍ର ମହିଳା ଓ ଶିଶୁବିକାଶ ମନ୍ତ୍ରଣାଳୟ ପକ୍ଷରୁ ଆଜିଠାରୁ ଦେଶବ୍ୟାପୀ ପୋଷଣପକ୍ଷର ଅଷ୍ଟମ ସଂସ୍କରଣ ଆରମ୍ଭ କରାଯିବ । ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବିଭାଗୀୟ ମନ୍ତ୍ରୀ ଅନ୍ନପୂର୍ଣ୍ଣା ଦେବୀ ଏବଂ ମହିଳା ଓ ଶିଶୁବିକାଶ ରାଷ୍ଟ୍ରମନ୍ତ୍ରୀ ସାବିତ୍ରୀ ଠାକୁର ପୋଷଣ ପଖୱାଡା ୨୦୨୬ର ଶୁଭାରମ୍ଭ କରିବେ । ଏହି ଅଭିଯାନ ଆସନ୍ତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ ।

ପୋଷଣର ଗୁରୁତ୍ୱ ଉପରେ ପ୍ରାଧାନ୍ୟ ଦେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି, ସୁସ୍ଥ ଶିଶୁ ହେଉଛି ସୁଦୃଢ଼ ରାଷ୍ଟ୍ରର ମୁଳଦୁଆ । ପ୍ରତ୍ୟେକ ମାଆ ଓ ଶିଶୁ ପାଇଁ ପୋଷକ ତତ୍ତ୍ୱଯୁକ୍ତ ଖାଦ୍ୟ ପ୍ରଦାନ ସୁନିଶ୍ଚିତ କରିବା ଏହି ଅଭିଯାନର ମୂଳଲକ୍ଷ୍ୟ । 'ଜନ୍ମରୁ ପ୍ରଥମ ୬ ବର୍ଷ ମଧ୍ୟରେ ସର୍ବାଧିକ ମସ୍ତିଷ୍କ ବିକାଶକୁ ଗୁରୁତ୍ୱ ଦେବା' ଚଳିତବର୍ଷ ପୋଷଣ ପଖୱାଡାର ବିଷୟବସ୍ତୁ ରହିଛି ।

## ମୁଖ୍ୟମନ୍ତ୍ରୀ–ଶୁଭାରମ୍ଭ

ରାଜ୍ୟରେ ବ୍ୟାପକ ଶିଳ୍ପାୟନ ଯୋଗୁଁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି । କଟକ

ଜିଲ୍ଲାର ରାମଦାସପୁରଠାରେ ଏକ ବୃହତ୍ତ ପୋଷାକ ପ୍ରସ୍ତୁତି ୟୁନିଟ୍‌ର ଶୁଭାରମ୍ଭ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଏହି ପ୍ରକଳ୍ପ ଦ୍ୱାରା ୫ହଜାର ୮୦୦ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ଭୁଇଁପୁରଠାରେ ପ୍ରସ୍ତାବିତ ୟୁନିଟ୍‌ରେ ୩ହଜାର ୫୦୦ ନିଯୁକ୍ତି ସୃଷ୍ଟି ହେବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ଏବଂ ହସ୍ତତନ୍ତ, ବୟନ ଓ ହସ୍ତଶିଳ୍ପ ମନ୍ତ୍ରୀ ପ୍ରଦୀପ ବଳସାମନ୍ତ ଓଡ଼ିଶାର ଶିଳ୍ପ ବିକାଶରେ ବୟନଶିଳ୍ପ ସ୍ୱର୍ଣ୍ଣିମ ଅଧ୍ୟାୟ ସୃଷ୍ଟି କରିଛି ବୋଲି କହିଛନ୍ତି ।

# ଶ୍ରୀମନ୍ଦିର-ଗଣତି ମଣତି

ପୁରୀ ଶ୍ରୀମନ୍ଦିର ବାହାର ରତ୍ନଭଣ୍ଡାର ଗଣତିମଣତି ପ୍ରକ୍ରିୟା ଆଜି ସକାଳ ଧୂପନୀତି ପରେ ଜାରି ରହିବ । ଗତକାଲି ଦ୍ୱିତୀୟ ପର୍ଯ୍ୟାୟ ଗଣତିମଣତି ପ୍ରକ୍ରିୟାର ପ୍ରଥମ ଦିନରେ ଦଳର ସଦସ୍ୟମାନେ ରତ୍ନଭଣ୍ଡାରକୁ ପ୍ରବେଶ କରି ସଂଧ୍ୟା ୬ଟା ପର୍ଯ୍ୟନ୍ତ ରତ୍ନ ଅଳଙ୍କାର ଗୁଡ଼ିକର ଯାଞ୍ଚ କରିଥିଲେ । ଅଳଙ୍କାର ଗୁଡ଼ିକୁ ଚିହ୍ନଟ କରାଯାଇ ଥ୍ରୀଡି ମ୍ୟାପିଙ୍ଗ, ଭିଡ଼ିଓ ଏବଂ ଫଟୋଗ୍ରାଫି କରାଯାଇଛି । ଗଣତିମଣତି ସମୟରେ ମହାପ୍ରଭୁଙ୍କ ଦର୍ଶନ ପାଇଁ ଯେଭଳି କୌଣସି ବାଧା ନ ଉପୁଜିବ ତାହାକୁ ଦୃଷ୍ଟିରେ ରଖାଯାଇ ସମସ୍ତ କାର୍ଯ୍ୟ କରାଯାଉଥିବା ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ ସୂଚନା ଦେଇଛନ୍ତି ।

**V/O**

# ଆଇନ୍‌ମନ୍ତ୍ରୀ-ସୁଭଦ୍ରା ଶକ୍ତି ମେଳା

ରାଜ୍ୟ ସରକାର ୧୦ଟି ପ୍ରମୁଖ ସହରର ବ୍ୟାପକ ଉନ୍ନତିକରଣ ପାଇଁ ପରିକଳ୍ପନା କରୁଛନ୍ତି ଏବଂ ସେଥିମଧ୍ୟରେ ବ୍ରହ୍ମପୁର ରହିଥିବା ଆଇନ୍‌ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି । ଗଞ୍ଜାମ ଜିଲ୍ଲାରେ ଚାଲିଥିବା ସୁଭଦ୍ରା ଶକ୍ତି ଓ ଆତ୍ମନିର୍ଭର ଭାରତ ସ୍ୱଦେଶୀ ମେଳାର ତୃତୀୟ ଦିନର ସାଂସ୍କୃତିକ ସନ୍ଧ୍ୟାରେ ମୁଖ୍ୟଅତିଥି ଭାବେ ଯୋଗଦେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଛନ୍ତି ଲୋକାଲ ଫର୍ ଭୋକାଲର ସଫଳତା ଏବଂ ୨୦୩୬ ସୁଦ୍ଧା ବିକଶିତ ଓଡ଼ିଶା ଗଠନ ଲକ୍ଷ୍ୟ ପୂରଣ ପାଇଁ ଗଞ୍ଜାମ ବାସୀଙ୍କ ଅଧିକ ଅବଦାନ ରହିବ ।

## ଓଡ଼ିଆ ପକ୍ଷ

ଓଡ଼ିଆ ପକ୍ଷ ୨୦୨୬ ପାଳନର ଆଜି ନବମ ଦିନରେ 'ଆସ ବହିଟିଏ କିଣିବା' ଅଭିଯାନ ପାଳନ କରାଯିବ । ଆଜିର ଦିନରେ ନିଜେ ବହିଟିଏ କିଣିବା ସହ ଅନ୍ୟମାନଙ୍କୁ କିଣିବା ପାଇଁ ସଚେତନ କରି ଏହି ଅଭିଯାନକୁ ସଫଳ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆହ୍ୱାନ ଦେଇଛନ୍ତି । ଲେଖକ ଏବଂ ପାଠକର ସମ୍ପର୍କକୁ ନିବିଡ଼ କରିବା ସହ ବହି ପଢ଼ିବା ନେଇ ଆଗ୍ରହ ସୃଷ୍ଟି କରିବା ଉଦ୍ଦେଶ୍ୟରେ ରାଜ୍ୟର ବିଭିନ୍ନ ସ୍ଥାନରେ 'ଆସ ବହିଟିଏ କିଣିବା' ଅଭିଯାନ ପାଳନ କରାଯିବ ।

ଗତକାଲି ରକ୍ତଦାନ ଅଭିଯାନ କାର୍ଯ୍ୟକ୍ରମରେ ରାଜ୍ୟବ୍ୟାପୀ ୧୦୮ଟି ରକ୍ତଦାନ ଶିବିର ଆୟୋଜନ ସହ ବିଭିନ୍ନ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଶିବିରରେ ୬ହଜାର ୪୪୧ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି ।

## ସାଂସଦଙ୍କ ଇସ୍ତଫା

ରାଜ୍ୟସଭାରେ ବିଜୁ ଜନତା ଦଳ ସଂସଦୀୟ ଦଳ ନେତା ପଦରୁ ଡକ୍ଟର ସସ୍ମିତ ପାତ୍ର ଇସ୍ତଫା ଦେଇଛନ୍ତି । ଗତକାଲି ଦଳର ମୁଖ୍ୟ ନବୀନ ପଟ୍ଟନାୟକଙ୍କୁ ସେ ତାଙ୍କ ଇସ୍ତଫା ପତ୍ର ପଠାଇଛନ୍ତି ।

## ବୈଠକ

ରାଉରକେଲା ସ୍ମାର୍ଟ ସିଟି ଲିମିଟେଡ୍‌ର କାର୍ଯ୍ୟକାରୀ କମିଟି ବୈଠକ ଅତିରିକ୍ତ ମୁଖ୍ୟ ଶାସନ ସଚିବ ଉଷା ପାଢ଼ୀଙ୍କ ଅଧ୍ୟକ୍ଷତାରେ ଖାରବେଳ ଭବନରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ପ୍ରକଳ୍ପ କାର୍ଯ୍ୟକାରୀତାଠାରୁ ଆରମ୍ଭ କରି ସମ୍ପତ୍ତି ପରିଚାଳନା ଭଳି ପ୍ରମୁଖ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଥିଲା । ସମ୍ପୂର୍ଣ୍ଣ ହୋଇଥିବା ସ୍ମାର୍ଟସିଟି ସମ୍ପତ୍ତି ଗୁଡ଼ିକରୁ ବାର୍ଷିକ ୪ କୋଟିରୁ ଅଧିକ ଟଙ୍କା ରାଜସ୍ୱ ମିଳୁଥିବା ଶ୍ରୀମତୀ ପାଢ଼ୀ କହିଛନ୍ତି । ବିଳମ୍ବରେ ଚାଲିଥିବା ପ୍ରକଳ୍ପ ଗୁଡ଼ିକର କାର୍ଯ୍ୟ ଶୀଘ୍ର ଶେଷ କରିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଛି ।

# ପ୍ରବେଶିକା ପରୀକ୍ଷା

ରାଜ୍ୟରେ ଥିବା ଉଚ୍ଚତର ଶିକ୍ଷାନୁଷ୍ଠାନ ଗୁଡ଼ିକରେ ଏକକ ସ୍ନାତକୋତ୍ତର ନାମଲେଖା ପାଇଁ ଆସନ୍ତାମାସ ୫ ତାରିଖରୁ ପ୍ରବେଶିକା ପରୀକ୍ଷା ଆରମ୍ଭ ହେବ। ରାଜ୍ୟ ପ୍ରବରଣ ମଣ୍ଡଳୀ ଏସ୍.ଏସ୍.ବି ପକ୍ଷରୁ ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ ୫୦ଟି ସ୍ନାତକୋତ୍ତର ବିଷୟ ପାଇଁ ପ୍ରବେଶିକା ପରୀକ୍ଷା ହେବ । ଏସ୍.ଏସ୍.ବି ଓଡ଼ିଶା ଡଟ୍ ଏସି ଡଟ୍ ଇନ୍ ୱେବ୍‌ସାଇଟ୍‌ରୁ ଚଳିତମାସ ୩୦ ତାରିଖରୁ ଆଡ୍‌ମିଟ୍ କାର୍ଡ ଉପଲବ୍ଧ ହେବ। ଚଳିତବର୍ଷ ୩୧ହଜାର ୯୧୫ଟି ସ୍ନାତକୋତ୍ତର ଆସନ ନିମନ୍ତେ ୫୮ହଜାର ୭୦୮ଜଣ ଛାତ୍ରଛାତ୍ରୀ ଆବେଦନ କରିଛନ୍ତି ।

# ଟୀକାକରଣ

ଗଞ୍ଜାମ ଜିଲ୍ଲା ବ୍ରହ୍ମପୁରସ୍ଥିତ ମହାରାଜା କୃଷ୍ଣଚନ୍ଦ୍ର ଗଜପତି ମେଡ଼ିକାଲ କଲେଜ ଓ ହସ୍ପିଟାଲର ୧୪୦ଜଣ ଡାକ୍ତରୀ ଛାତ୍ରୀଙ୍କୁ ଗ୍ରୀବା ଜରାୟୁ କର୍କଟରୁ ସୁରକ୍ଷା ଦେବା ଉଦ୍ଦେଶ୍ୟରେ ଟୀକାକରଣ କରାଯାଇଛି । ପୂର୍ବରୁ ସମ୍ପୃକ୍ତ ହସ୍ପିଟାଲର ୧୬୦ଜଣ ଛାତ୍ରୀଙ୍କୁ ଏଚ୍‌ପିଭି ଟୀକାକରଣ କରାଯାଇଥିଲା ।

# ଅଲମ୍ପିକ୍ସ ମୂଲ୍ୟବୋଧ କାର୍ଯ୍ୟକ୍ରମ

ନବରଙ୍ଗପୁର ଜିଲ୍ଲା ଉମରକୋଟ ବ୍ଲକର ବେହେଡ଼ା ସରକାରୀ ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଅଲମ୍ପିକ୍ସ ମୂଲ୍ୟବୋଧ ଶିକ୍ଷା କାର୍ଯ୍ୟକ୍ରମ

ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ଶିକ୍ଷାର୍ଥୀମାନଙ୍କୁ ନେଇ କାର୍ଯ୍ୟକ୍ରମରେ ରଙ୍ଗୋଲି ଓ ପ୍ରବନ୍ଧଲିଖନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା ।

## କ୍ରୀଡ଼ା ଭିତ୍ତିଭୂମି

ମାଲକାନଗିରି ଜିଲ୍ଲାରେ କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ଏବଂ ଯୁବ ପ୍ରତିଭାଙ୍କୁ ଲୋକଲୋଚନକୁ ଆଣିବାପାଇଁ ଜିଲ୍ଲା ପ୍ରଶାସନ ପଦକ୍ଷେପ ନେଉଛନ୍ତି। ବିଭିନ୍ନ ବ୍ଲକରେ ଥିବା ଇନ୍‌ଡୋର ଷ୍ଟାଡିୟମ ଗୁଡ଼ିକର ସୁପରିଚାଳନା ତଥା ଖେଳାଳିଙ୍କ ପାଇଁ ପ୍ରସ୍ତୁତ ରଖିବାକୁ ଜିଲ୍ଲାପାଳ କ୍ରୀଡ଼ା ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଛନ୍ତି । ଆଗାମୀ ଦିନରେ ସିଏମ୍ ଟ୍ରଫି କ୍ରୀଡ଼ା କାର୍ଯ୍ୟକ୍ରମକୁ ଜିଲ୍ଲାରେ ସଫଳତାର ସହ ପାଳନ କରିବାକୁ ଲକ୍ଷ୍ୟ ରଖାଯାଇଛି ।